# ଅଧାବାଟରେ ଅଟକିଲା '୧୦୮'; ରୋଗୀ ହୀନସ୍ତା

ନୀଳଗିରି, ୯।୧(ସମିସ): ଜଣେ ଗୁରୁତର ମହିଳା ରୋଗୀଙ୍କୁ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ନୀଳଗିରି ଦୁର୍ଗାମଣ୍ଡପ ଛକ ନିକଟରେ ହଠାତ୍ ଅଟକି ଯାଇଥିଲା। ଆମ୍ବୁଲାନ୍ସ ମଧ୍ୟରେ ଥିଲେ ଔପଦା ବ୍ଲକ୍ ବାଉଁଶବଣିଆ ବାଲିଓରା ଗ୍ରାମର ମିନତୀ ସ୍ୱାଇଁ (୩୪)। ସେ ସିଡିରେଲିଂରୁ ଖସିପଡ଼ି ଗୁରୁତର ଆହତ ହୋଇ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଯାଉଥିଲେ। ତେବେ ଦୀର୍ଘ ଅଧଘଣ୍ଟା ଧରି ଆମ୍ବୁଲାନ୍ସଟି ଅଟକି ରହିଥିବାବେଳେ ମୀନତି ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଅଧଘଣ୍ଟା ପରେ ଅନ୍ୟଏକ ଆମ୍ବୁଲାନ୍ସ ଆସି ମହିଳା ଜଣଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିଥିଲା।



# ସଫେଇ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର, ୯।୧(ସମିସ): ଜଳେଶ୍ୱର ପୌର ପାଳିକାର ସଫେଇ କର୍ମଚାରୀଙ୍କୁ ଠିକା ସୁପରଭାଇଜର ଏସ୍.କେ ସାହିଦ୍ (ଲାଲୁ) ଓ ଏସ୍.କେ ହାଜିର ଓ ଏମ୍‌ସିସି ସୁପରଭାଇଜର ଜ୍ୟୋତ୍ସ୍ନା ଜେନା ଦୁର୍ବ୍ୟବହାର କରିଥିବା କେତେକ ସଫେଇ କର୍ମଚାରୀ ନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ତେବେ ଆଜି ଅନ୍ୟ କେତେକ ସଫେଇ କର୍ମଚାରୀ ଏହାକୁ ଖଣ୍ଡନ କରିବା ସହ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ତଦନ୍ତ ହେବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଅଞ୍ଜନ ମୁଖୀ, ତ୍ରିଲୋଚନ ଜେନା, ଅମୂଲ୍ୟ ମୁଖୀ, ସୁରେନ୍ଦ୍ର ବିନ୍ଧାଣୀ, ନଟ ବୈଠା, ମୁନା ବାସ୍କେ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ।



# ପୂର୍ଣ୍ଣାଙ୍ଗ ହେଉନି ସ୍ମାର୍ଟ ପାର୍କ; ଆନ୍ଦୋଳନ ଚେତାବନୀ

ଜଳେଶ୍ୱର, ୯।୧(ସମିସ): ସହରବାସୀଙ୍କ ଆମୋଦ ପ୍ରମୋଦ ଲାଗି ପ୍ରାୟ ୯୦ଲକ୍ଷ ଟଙ୍କା ବ୍ୟୟରେ ୩ ନମ୍ବର ୱାର୍ଡ ସେକ୍‌ବାଡ଼ର ସୁବର୍ଣ୍ଣରେଖା ନଦୀକୂଳରେ ଅବଦୁଲ କାଲାମ ସ୍ମାର୍ଟପାର୍କ ନିର୍ମାଣ ଆରମ୍ଭ ହୋଇଥିଲା। ୩ବର୍ଷ ପୂର୍ବରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର ପୂର୍ଣ୍ଣାଙ୍ଗ ହେଉନଥିବାରୁ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଭାଗୀରଥି ନାୟକ, ଅକ୍ଷୟ କୁମାର ପରିଡ଼ା, ଦେବୁ ସାମନ୍ତ, ଅଞ୍ଜନ କୁମାର ଦେ, ଏସ୍‌କେ ତସଲିମ୍, ଗୁରୁପ୍ରସାଦ ଚୌରାସିଆ ପ୍ରମୁଖ ପୌର ନିର୍ବାହୀ ଯନ୍ତ୍ରୀ ହେମନ୍ତ ସିଂ ଓ ପୌରପାଳ ପ୍ରତୀପ ପ୍ରଧାନଙ୍କୁ ଭେଟି ଆବିପତ୍ର ପ୍ରଦାନ କରିଛନ୍ତି।

# ସରକାରୀ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ; ଉଦ୍ଧାର କଲା ଶ୍ରମ ବିଭାଗ

ବାହାନଗା, ୯।୧ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ରେ ପୁଣି ସରକାରୀ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିଯୋଜିତ କରିଛି ବାହାନାଗା ବ୍ଲକ୍ ପ୍ରଶାସନ। ଖୋଦ ସରକାରୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ସରକାରୀ ନିୟମ କାନୁନକୁ ଏଠାରେ ଉଲ୍ଲଙ୍ଘନ କରାଯାଇଛି। ଏହି କାର୍ଯ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶିଶୁ ଶ୍ରମିକଙ୍କୁ ନିଯୋଜିତ କରିଛନ୍ତି। ସେପଟେ ଶିଶୁ ଶ୍ରମିକଙ୍କୁ ଖୋଦ ସରକାରୀ ଅଧିକାରୀ ନିଯୋଜିତ କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଶ୍ରମ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ୧୨ ବର୍ଷର ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ବାହାନଗା ବ୍ଲକ୍ ଅଭଣା ପଞ୍ଚାୟତ ବରଜଦେଉଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଯୋଜନାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଶ୍ରେଣୀ କୋଠରି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ କାର୍ଯ୍ୟ ବାହାନଗା ବ୍ଲକ୍‌ର ଯନ୍ତ୍ରୀ ପ୍ରଶାନ୍ତ କୁମାର ଘଡ଼େଇ ଏବଂ ଅଭଣା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କରମଜିତ ସିଂଙ୍କ ନାମରେ ରହିଛି। ଆଜି ବିଦ୍ୟାଳୟ ବିଲଡିଂର ଛାତ ପଡୁଥିବାବେଳେ କୌଣସି ଅଧିକାରୀ ଉପସ୍ଥିତ ନଥିବାର ଦେଖିବାକୁ ମିଳିଥିଲା। ଏମିତି କି ଟେଣ୍ଡର କାମରେ ବ୍ୟବହୃତ ହେଉଥିବା ନଟ ଫର ରିଟେଲ ସେଲ ଲେଖାଥିବା ସିମେଣ୍ଟ ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଥିଲା। ଏହି ପ୍ରୋଜେକ୍ଟ ସିମେଣ୍ଟକୁ ଖୋଲା ବଜାର ତୁଳନାରେ କମ୍ ମୂଲ୍ୟରେ କିଣାଯାଇ ଏହାକୁ ବେଆଇନ ଭାବେ ବ୍ୟବହାର କରାଯାଉଥିବାବେଳେ ସିମେଣ୍ଟ କେଉଁ ପ୍ରୋଜେକ୍ଟ କାର୍ଯ୍ୟରୁ ଆସି ଏଠାରେ ବ୍ୟବହାର ହେଉଛି ତାହା ସ୍ପଷ୍ଟ ହୋଇନାହିଁ। ସେପଟେ ଏହି ବିଦ୍ୟାଳୟ ଛାତ ଢଳେଇ କାର୍ଯ୍ୟରେ ଜଣେ ୧୨ ବର୍ଷର ଶିଶୁ ଶ୍ରମିକଙ୍କୁ ନିଯୋଜିତ କରାଯାଇଥିବା ଦେଖିବାକୁ ମିଳିଥିଲା। ସରକାରୀ ନିୟମ କାନୁନକୁ ଫୁଁ' କରି ବିଭାଗୀୟ କାର୍ଯ୍ୟ ନିର୍ବାହୀ ଦାୟିତ୍ୱରେ ଥିବା ଉଭୟ ଯନ୍ତ୍ରୀ ଏବଂ ପିଇଓ ଶିଶୁଙ୍କୁ କାର୍ଯ୍ୟରେ ନିଯୋଜିତ କରାଇବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେହିପରି ଛାତ ଢଳେଇ ସମୟରେ କୌଣସି ସରକାରୀ ଅଧିକାରୀ ଉପସ୍ଥିତ ନ ରହି ବ୍ଲକ୍ ପରିସରରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ବିଦାୟକାଳୀନ ସଭାରେ ଯୋଗ ଦେଇଥିଲେ। ଯାହା ସରକାରୀ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଶୁ ଶ୍ରମିକ ନିଯୁକ୍ତ ଖବର ପାଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଶ୍ରମ ଅଧିକାରୀ ଶୈଳସୁତା ଦାସଙ୍କ ନେତୃତ୍ୱରେ ଔପଦା ଅତିରିକ୍ତ ଶ୍ରମ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁଙ୍କ ସହ ଶ୍ରମ ବିଭାଗର ୩ ଜଣିଆ ଟିମ୍ ସ୍ଥାନୀୟ ପୁଲିସ ସହାୟତାରେ ନିର୍ମାଣାଧୀନ ସ୍ଥାନରେ ଚଢ଼ଉ କରିଥିଲେ। ସେଠାରୁ ୧୨ ବର୍ଷର ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଶିଶୁ ଜଣଙ୍କ ସୋର ଅଞ୍ଚଳର ହୋଇଥିବାବେଳେ ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲେ। ପରେ ଶିଶୁ ମଙ୍ଗଳ କମିଟି ଘଟଣାର ଅନୁଧ୍ୟାନ କରିବା ସହ ଶିଶୁକୁ ଶିଶୁଯତ୍ନ ଗୃହରେ ରଖିଥିବା ଜଣାପଡ଼ିଛି। ସେପଟେ ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନଥିଲେ। ବିଡିଓଙ୍କ ଲଗାମ ଅଧିକାରୀଙ୍କ ଉପରେ ରହୁନଥିବା ବେଳେ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ ନିଯୋଜିତ କରାଯିବା ଏବଂ ପ୍ରୋଜେକ୍ଟ ସିମେଣ୍ଟରେ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ଉଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।

'ମୁଁ ଛାତରେ ରଡ୍ ବନ୍ଧା ଦେଖିବାକୁ ଯାଇଥିଲି, ଢଳେଇ ଚାଲିଛି, ଆମେ ସବୁବେଳେ କ'ଣ ଜଗିକି ବସିପାରିବା କି' ବୋଲି ଉତ୍ତର ରଖିଛନ୍ତି ବାହାନଗା ବ୍ଲକ୍‌ର ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇ।

ସେହିପରି ଅତିରିକ୍ତ ଶ୍ରମ ଅଧିକାରୀ ଶୈଳସୁତା ଦାସ କହିଛନ୍ତି ଯେ ଶିଶୁକୁ ଉଦ୍ଧାର କରିଛୁ, ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିଯୋଜିତ କରିବା ବେଆଇନ। ହେଲେ କେଉଁ ଅଧିକାରୀ ଶିଶୁ ଶ୍ରମିକଙ୍କୁ ନିଯୋଜିତ କରିଥିଲେ, ତାହା ଯାଞ୍ଚ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି ଯେ ସରକାରୀ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିଯୋଜିତ କରିବା ଅତ୍ୟନ୍ତ ନିନ୍ଦନୀୟ, ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



- ଯନ୍ତ୍ରୀ ଏବଂ ପିଇଓଙ୍କ ନାମରେ କାର୍ଯ୍ୟାଦେଶ
- ତଦନ୍ତ ସହ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲ୍ଲାପାଳ

# ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ



ଲଙ୍ଗଳେଶ୍ୱର, ୯।୧(ସମିସ): ବାଲିଆପାଳ ବ୍ଲକ୍‌ର ଏକ ଗେଷ୍ଟ ହାଉସ ପରିସରରେ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସବାଇ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ପ୍ରାଇଭେଟ୍‌ର ମ୍ୟାନେଜିଂ ଡାଇରେକ୍ଟର ଅଜିତ କୁମାର ରାଉତରାୟଙ୍କ ଦ୍ୱାରା ପ୍ରଶିକ୍ଷଣ ଆୟୋଜିତ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସରକାରୀ ନିର୍ଦ୍ଦେଶକ ଏଚ୍‌ଏମ୍‌ଏଫ୍ ଟେକ୍ସଟାଇଲ, ସମ୍ମାନିତ ଅତିଥି ଭାବେ ଏଲଡିଏମ୍ ୟୁକୋ ବ୍ୟାଙ୍କ ବାଲେଶ୍ୱର ମୋତି କୁମାର, ସୁବ୍ରତ ପଟ୍ଟନାୟକ ଏଲ୍‌ଇଡି, ଓଡ଼ିଶା, ଏଫ୍‌ଏଲ୍‌ସି ଦୟାନିଧି ସାର୍ ଉପସ୍ଥିତ ଥିଲେ। ୨୦ ଜଣ କାରିଗରଙ୍କୁ ନେଇ ଉଦ୍ୟୋଗ ବିକାଶ ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ସବାଇ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏହି କାର୍ଯ୍ୟକ୍ରମ ୬ ଦିନ ଧରି ଚାଲୁରହିବ ବୋଲି ସୂଚନା ମିଳିଛି। ସବାଇ ଘାସ ମାଧ୍ୟମରେ କିପରି ଲୋକେ ଉପକାର ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା।

# ବଣଭୂଇଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୀଳଗିରି, ୯।୧, (ସମିସ): ନୀଳଗିରି ବ୍ଲକ୍ ବଣଭୂଇଁ ସରକାରୀ ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ପରିଡ଼ା, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡଃ ପ୍ରଦୀପ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ, ଶିକ୍ଷକ ବେଣୁଧର ମହାରଣାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଏବଂ ବହୁସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ।

# ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା

ସୋର, ୯।୧(ସମିସ): ସୋର ବ୍ଲକ୍ ପାଖର ଗ୍ରାମର ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟର ୫୯ ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଶୁକଦେବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ସାରସ୍ୱତ ମହାବିଦ୍ୟାଳୟ, ଅନନ୍ତପୁରର ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳ ଓ ମୁଖ୍ୟବକ୍ତା ଭାବେ ସାରସ୍ୱତ ମହାବିଦ୍ୟାଳୟର ସେବା ନିବୃତ୍ତ ଇଂରାଜୀ ପ୍ରାଧ୍ୟାପକ ହରିହର ଦାସ, ସମ୍ମାନିତ ଅତିଥି ରୂପେ ପାଖର ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ୍ମାଳୟା ମହାପାତ୍ର, ସୋରୋ ବ୍ଲକ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ଦାସ, ପଞ୍ଚସଖା ଶିକ୍ଷାସେତୁ କମିଟିର ସଭାପତି ଭୋଳନାଥ ପଣ୍ଡା ଓ ସମ୍ପାଦକ ଭାଗିରଥୀ ବିଶ୍ୱାଳ, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଭାନୁଚନ୍ଦ୍ର ପାଢ଼ୀ, ପ୍ରାକ୍ତନ ଛାତ୍ର ବିଦ୍ୟାଧର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ଜଣେ ଭଲ ମଣିଷ ହେବାକୁ ବକ୍ତବ୍ୟ ରଖିଥିଲେ। ସମସ୍ତ ଅତିଥିମାନେ ସଭାକାର୍ଯ୍ୟ ପୂର୍ବରୁ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ୟାମ ସୁନ୍ଦର ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ସୁଧାକର ଦାସ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ଅପରାହ୍ନ ୩ଟାରେ ଆରମ୍ଭ କରାଯାଇଥିଲା। ଏହି ଅଧିବେଶନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତ ଓ ନୃତ୍ୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୌମ୍ୟରଞ୍ଜନ ବେହେରା, ଅଜିତ ନାୟକ, ସୁଶାନ୍ତ ଦାସ, ବିଜୟକୁମାର ମଲ୍ଲିକ, କୁମୁଦ ଜେନା, ଖଗେନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସସ୍ମିତା ପରିଡ଼ା, ମଧୁସ୍ମିତା ବିଶ୍ୱାଳ, ସସ୍ମିତା ଦାସ, ପୂଜା ମଲ୍ଲିକ, ଦ୍ରୌପଦୀ ମହାନ୍ତି, ସ୍ମୃତି ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ସାଗରିକା ଜେନା, ବାଣୀଶ୍ରୀ ରାଉତ, ବାସନ୍ତୀ ଦାସ, ଶୁଭସ୍ମିତା ଦଳାଇ, ଶଶିକାନ୍ତ ସନ୍ଧିବିଗ୍ରହ, ପ୍ରଦୀପ କୁମାର ନନ୍ଦ ଓ ସୁରେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଦ୍ଦିନରେ ଭିନ୍ନକ୍ଷମ ପରିବାର; ସହାୟତା ନିବେଦନ

ଭୋଗରାଇ, ୯।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ନିମାତପୁର ଗ୍ରାମର ସନ୍ନ୍ୟାସୀ ଦଳାଇ(୫୭)। ୨୦୨୧ରୁ ସେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ। ନା ତାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳୁଛି ନା ହୁଇଲ ଚେୟାର। ପ୍ରଚଣ୍ଡ ଶୀତ ସକାଳରେ ସେ ଘୁଷୁରି ଘୁଷୁରି ଗାଁ ଦାଣ୍ଡରେ ବୁଲୁଛି। ହେଲେ ତାଙ୍କ ସ୍ତ୍ରୀ ସାବିତ୍ରୀ (୫୦) ସେବି ରୋଗାକ୍ରାନ୍ତ। ପୁଅ ସୁକୁମାର (୨୬) ଜଣେ ମାନସିକ ବିକାର ଗ୍ରସ୍ତ ରୋଗୀ। ବୋହୂ କଳ୍ପନା (୨୪)ଙ୍କ ଆଖିରୁ ଲୁହ ଶୁଖୁନି। ପରିବାର ସଦସ୍ୟ ୬ଜଣଙ୍କ ପାଇଁ ରାସନ ଚାଉଳ ମିଳେ। ୩ଜଣଙ୍କର ମୋଟ ୧୫କେଜି। ଶୀତରେ ଜାକିଜୁକି ହୋଇ ଚାଳିଆ ତଳେ ରାତ୍ରି କଟୁଛି। ଆବାସ ଖଣ୍ଡେ ମିଳୁନି। ବୋହୂ ମୂଲଲାଗି ପରଘରେ ପାଇଟି କରି ଗୁଜରାଣ ମେଣ୍ଟାଇବା ଭିତରେ ଶ୍ୱଶୁର, ଶାଶୁ, ସ୍ୱାମୀଙ୍କ ଚିକିତ୍ସା ପାଇଁ ଚିନ୍ତା। କେମିତି ଚଳିବ ପରିବାର, ସେହି ଚିନ୍ତାରେ ଭାଳି ହେଉଛନ୍ତି ବୋହୂ କଳ୍ପନା। ପୂର୍ବରୁ ଶଶୁର ରିକ୍ସା ଟାଣି ଓ ମୂଲ ଲାଗି ପରିବାର ଚଳାଉଥିଲେ। ଯାହା ରୋଜଗାର କରୁଥିଲେ, ସେଥିରେ ଘର କଷ୍ଟେମଷ୍ଟେ ଚଳୁଥିଲା। ଏବେ ଟଙ୍କା କେଉଁଠୁ ଆସିବ? ତାଙ୍କୁ କିଏ ସାହା ହେବ? ସେ ନେଇ ଭାଳି ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ତାଙ୍କ ପାଇଁ ସାତ ସପନ ପାଲଟିଛି। ଏପରି ସମୟରେ ଗ୍ରାମବାସୀ, ବଦାନ୍ୟ ବ୍ୟକ୍ତି ଓ ସରକାର ଉକ୍ତ ପରିବାରକୁ ସହାୟତାର ହାତ ବଢ଼ାଇବା ପାଇଁ ସେ ଅନୁରୋଧ କରିଛନ୍ତି।



# ଆଦିବାସୀଙ୍କ ଅଧିକାରକୁ କ୍ଷୁଣ୍ଣ କରିଛି ପ୍ରଶାସନ

ଜଳେଶ୍ୱର ବ୍ଲକ୍, ୯।୧(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅର୍ଥ ରାଶି ପ୍ରଦାନ କରୁଛନ୍ତି ଏବଂ ସେହି ଅର୍ଥ ବିନିଯୋଗରେ ଆଦିବାସୀ ଓ ହରିଜନମାନଙ୍କର ମୌଳିକ ସୁବିଧା ସୁଯୋଗରୁ କିପରି ବଞ୍ଚିତ ନ ହୋଇ ତାଙ୍କୁ ସମସ୍ତ ସୁବିଧା ସୁଯୋଗ ମିଳି ପାରିବ, ସେ ନେଇ ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବର୍ତ୍ତନା ଗ୍ରାମ ପଞ୍ଚାୟତର ସାନକଷିଦା ଗ୍ରାମର ଆଦିବାସୀ ହରିଜନ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ବିବେଚିତ କରାଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ସେହି ଆଦର୍ଶ ଗ୍ରାମ ପାଇଁ ଆସୁଥିବା ଅର୍ଥକୁ ଜଳେଶ୍ୱର ବ୍ଲକ ପ୍ରଶାସନ ଏବଂ ଜନଜାତି ବିଭାଗ ପକ୍ଷରୁ ସେହି ଅର୍ଥ ଗ୍ରାମରେ କାର୍ଯ୍ୟ ନ କରି ୫ଲକ୍ଷ ଟଙ୍କା ବ୍ୟୟରେ ଅନ୍ୟ ଗ୍ରାମ ଷୋଳଶଣ୍ଡା ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟକୁ କରାଯିବାକୁ ନେଇ ଗ୍ରାମର ସୁଶାନ୍ତ ଜେନା, ହରେନ୍ଦ୍ର ନାଥ ଜେନା, ସୁଶୀଲ ଜେନା, ଦୁଷ୍ମନ୍ତ ଜେନା, ସୁଧାଂଶୁ ବେହେରା, ବସନ୍ତ ଜେନା, ତାରା ଜେନା, ଝାଡ଼େଶ୍ୱର ଜେନା, ସୁଶୀଲ ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହା ଆମ ଗ୍ରାମ ପାଇଁ ଅନ୍ୟାୟ ବିଚାର ବୋଲି କହିଥିଲେ। ଗ୍ରାମର କୌଣସି ଗ୍ରାମବାସୀଙ୍କୁ ଅବଗତ ନ କରାଇ ଆଦର୍ଶ ଗ୍ରାମ ପ୍ରତି ଆସିଥିବା ଅର୍ଥକୁ ଅନ୍ୟତ୍ର କାର୍ଯ୍ୟରେ ନିୟୋଜିତ କରିବାରୁ ଗ୍ରାମବାସୀ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଜଣାଇଥିଲେ ମଧ୍ୟ କିଛି ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ ଏ ନେଇ ଜିଲ୍ଲା ଜନଜାତି ବିଭାଗରେ ପଦାଧିକାରୀଙ୍କୁ ଅବଗତି କରାଇବା ସହିତ ଜିଲ୍ଲାପାଳଙ୍କୁ ଅବଗତି କରାଇଛନ୍ତି। ଆଗାମୀ ଦିନରେ ଆଦର୍ଶ ଗ୍ରାମ ପାଇଁ ଆସୁଥିବା ଅର୍ଥ ଅନ୍ୟ ଗ୍ରାମରେ କାର୍ଯ୍ୟ କରାଇଲେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଅନୈତିକ କାର୍ଯ୍ୟ କରୁଥିବା ଅଧକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ।




# ୬୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ଦମ୍ପତି ଗିରଫ

ବାଲେଶ୍ୱର, ୯।୧(ସମିସ): ଅବୈଧ ବ୍ରାଉନସୁଗର ବେପାରରେ ଲିପ୍ତଥିବା ଦମ୍ପତିଙ୍କୁ ଆଜି ସହଦେବଖୁଣ୍ଟା ପୁଲିସ ଗିରଫ କରିଛି। ଏଥିସହ ୬୮ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଅଭିଯୁକ୍ତ ହେଲେ ଅରଡ଼ବଜାର ଅଞ୍ଚଳର ଏସ୍‌କେ ସହିତ (୩୪) ଏବଂ ତାଙ୍କ ସ୍ତ୍ରୀ ମମତା ସୋରେନ। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ବ୍ରାଉନ୍‌ସୁଗର ସହ ଏକ ବୁଲେଟ୍ (ଓଡି ୦୧ବିଇ ୬୮୯୧) ଏବଂ ଗୋଟିଏ ସ୍ମାର୍ଟ ଫୋନ୍ ଜବତ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ ସୂଚନା ଦେଇଛନ୍ତି। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସହଦେବଖୁଣ୍ଟା ଥାନା ଅରଡ଼ବଜାର ଗୋଳାପୋଲ ନିକଟ ଗୌଡ଼ସାହି ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଏସ୍ କେ ସହିତ ଏବଂ ତାଙ୍କ ପତ୍ନୀ ଗ୍ରାହକଙ୍କୁ ବ୍ରାଉନ୍‌ସୁଗର ବିକ୍ରି କରୁଥିଲେ। ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାକୁ ନେଇ ସହଦେବଖୁଣ୍ଟା ଥାନାରେ କେସ୍ ନମ୍ବର ୧୪/୨୦୨୬ ରେ ଏନ୍‌ଡିପିଏସ୍ ଆକ୍ଟ ଧାରା ୨୧(ବି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

# ବୃହତ୍ କୁଞ୍ଜମେଳାର ଅଷ୍ଟମ ସନ୍ଧ୍ୟା

ଭୋଗରାଇ, ୯।୧(ସମିସ): ଭୋଗରାଇ ବ୍ଲକ୍ ନାଚିନ୍ଦାଠାରେ ଜିଲ୍ଲାସ୍ତରୀୟ ବୃହତ କୁଞ୍ଜ ମେଳାର ଆଜିଥିଲା ଅଷ୍ଟମ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଶିବଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କବି ଡ. କାଳୀକିଙ୍କର ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା କବି ସୁକୁମାର ଦାସ, ସମ୍ମାନିତ ଅତିଥି ସମାଜସେବୀ ହରେକୃଷ୍ଣ ମହାନ୍ତି, ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ମେଳା ସମ୍ପର୍କ ଓ ଭାଇଚାରାର ମାଧ୍ୟମ ପାଲଟିଥାଏ ବୋଲି କହିଥିଲେ। ରାଜେଶ ଜେନା ଅତିଥି ପରିଚୟ ଓ ଦିଲ୍ଲୀପ କୁମାର ଚନ୍ଦ ଧନ୍ୟବାଦ ଦେଇଥିଲେ। ସଭା ପରେ ନିଜାମପୁର ଭଗବତୀ ନୃତ୍ୟ ଆନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ।

## ଧାନମଣ୍ଡି ଖୋଲିବାକୁ ଦାବି

# ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚର ରାସ୍ତାରୋକ

ନୀଳଗିରି, ୯।୧(ସମିସ)

ଜାନୁଆରୀ ମାସ ଅଧା ହେବାକୁ ବସିଲାଣି। କିନ୍ତୁ ସରକାରୀ ଧାନମଣ୍ଡି ଏ ଯାଏଁ ଖୋଲାହୋଇନି। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ବେପାରୀମାନେ କମଦାମ୍‌ରେ ଧାନ ଚାଷୀଙ୍କ ଠାରୁ ନେଇ ଯାଉଛନ୍ତି। ଚାଷୀମାନେ ବିଭିନ୍ନ ସୂତ୍ରରୁ ଟଙ୍କା ଧାର୍‌କରଜ କରି ଚାଷ କରିଛନ୍ତି। ଯେ ହେତୁ ଚାଷ ଅମଳ ସରିଲାଣି ସେଥିପାଇଁ ଋଣ ପରିଶୋଧ ପାଇଁ ବିଭିନ୍ନ ସଂସ୍ଥା ଚାଷୀଙ୍କ ଉପରେ ଜୁଲମ୍ କରୁଛନ୍ତି। ସେଥିପାଇଁ ଚାଷୀମାନେ ବାଧ୍ୟ ହୋଇ କମ୍ ଦାମ୍‌ରେ ଧାନ ବିକ୍ରି କରୁଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଆଜି ସୁରକ୍ଷା ମଞ୍ଚର ଆବାହକ ବିଜୟ ପାତ୍ରଙ୍କ ନେତୃତ୍ୱରେ ଗରଡିହି ଛକ ଠାରେ ରାସ୍ତାରୋକ କରାଯାଇଥିଲା। ଦୀର୍ଘ ତିନିଘଣ୍ଟା ରାସ୍ତାରୋକ କରାଯିବା ପରେ ପ୍ରଶାସନ ପକ୍ଷରୁ ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ, ଏଆର୍‌ସିଏସ୍ ବିଷ୍ଣୁ ମୋହନ ମଲ୍ଲିକ, ଏସିଏସ୍‌ଓ ବିଦ୍ୟୁତଲତା ନାୟକ ଓ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡା ଉପସ୍ଥିତ ରହି ଆନ୍ଦୋଳନକାରୀ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା କାଲିଠାରୁ ନୀଳଗିରିର ସମସ୍ତ ସରକାରୀ ଧାନମଣ୍ଡି ଖୋଲିବା ସହିତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟଜିତ ଦାସ, ସୁରେଶ ନାୟକ, ଯୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ମହେଶ୍ୱର ଭୁଆଁ, କାଳିଆ ପାତ୍ର, ଉମାକାନ୍ତ ଷଡ଼ଙ୍ଗୀ, ଲକ୍ଷ୍ମୀଧର ସାହୁ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ବାରିକ, ନାରାୟଣ ଧାମୁଡ଼ିଆ, ଅମରେନ୍ଦ୍ର ନାୟକ, ଯୋଗେନ୍ଦ୍ର ଦାସ, ରାମଚନ୍ଦ୍ର ପଡ଼ିଆରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।





GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION
NABARANGPUR, DIST–NABARANGPUR (ODISHA)
Email ID: senidivision@gmail.com

A-1257

Lr no. 37 Dated: 08.01.2026

E-PROCUREMENT NOTICE
BID IDENTIFICATION NO – SE-NID-05 /2025-26 (01)

1. Nature of the work – Alteration & renovation of Division Office Building.
2. Total Nos. of works – 01 (one) No.
3. Tender cost of the works – ₹5.92 Lakhs (excluding GST)
4. Class of Contractor – 'D' & 'C' Class
5. Period of completion – 02 (Two) Month

Other details as follows:

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division,Nabarangpur. | SE-NID-05 /2025-26(01) | 13.01.2026 (10.00AM) | 28.01.2026 (up to 05.00 PM) | 16.01.2026 up to 5.00 PM | 29.01.2026 at 11.00 AM in the O/o the Superintending Engineer, Nabarangpur Irrigation Division,Nabarangpur. |

Further details can be seen from the Government website: www.tendersodisha.gov.in, Addendum / Corrigendum / Cancellation if any required will be published in Govt. website only.

Superintending Engineer
Nabarangpur Irrigation Division, Nabarangpur

OIPR-

